# ଲିଙ୍ଗ, ବଚନ ଓ ପୁରୁଷ ପ୍ରକରଣ

## ୧। ଲିଙ୍ଗ

(କ) ଯେଉଁ ଶବ୍ଦ ସାଧାରଣତଃ ପୁରୁଷକୁ ବୁଝାଏ ବା ପୁରୁଷବାଚକ ତାହା ପୁଂଲିଙ୍ଗ, ଯଥା- ବାଳକ । ଯାହା ସ୍ତ୍ରୀକୁ ବୁଝାଏ ବା ସ୍ତ୍ରୀ ବାଚକ ତାହା ସ୍ତ୍ରୀଲିଙ୍ଗ, ଯଥା- ବାଳିକା ଏବଂ ଯାହା ଉଭୟ ସ୍ତ୍ରୀ ଏବଂ ପୁରୁଷକୁ ନ ବୁଝାଏ ତାହା କ୍ଳୀବଲିଙ୍ଗ ବା ନପୁଂସକ ଲିଙ୍ଗ । ଯଥା- ଫଳମ୍ । କିନ୍ତୁ କେତେକ ସ୍ଥଳରେ ଏହାର ବ୍ୟତିକ୍ରମ ଦେଖାଯାଏ । ଯଥା :- ନଦ୍ୟାଃ ତଟଃ, ନଦ୍ୟାଃ ତଟୀ, ନଦ୍ୟାଃ ତଟମ୍ । ଏଠାରେ ନଦୀ ଶବ୍ଦ ସ୍ତ୍ରୀକୁ ନ ବୁଝାଇଲେ ମଧ୍ୟ ସ୍ତ୍ରୀଲିଙ୍ଗ, ତଟ ଶବ୍ଦ ପୁରୁଷ ଓ ସ୍ତ୍ରୀକୁ ନ ବୁଝାଇଲେ ମଧ୍ୟ ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ ଓ କ୍ଳୀବଲିଙ୍ଗ ହୋଇଅଛି ।

(ଖ) (i) କେତେଗୁଡ଼ିଏ ଶବ୍ଦ ତ୍ରିଲିଙ୍ଗ, ଯଥା :- ତଟ, ପାତ୍ର ଇତ୍ୟାଦି ।

(ii) କେତେକ ଶବ୍ଦ ଦ୍ୱିଲିଙ୍ଗ, ଯଥା :- ସୂତ୍ର - ସୂତ୍ରଃ, ସୂତ୍ରମ୍ । ଛତ୍ର - ଛତ୍ରଃ, ଛତ୍ରମ୍ । ରେଣୁ - ରେଣୁଃ (ପୁଂ), ରେଣୁଃ (ସ୍ତ୍ରୀ) ।

(iii) କେତେକ ଶବ୍ଦ ନିର୍ଦ୍ଦିଷ୍ଟ ଲିଙ୍ଗ, ଯଥା- ନର, ଦେବ, ବୃକ୍ଷ, ତ୍ୟାଗ, କର, ଦେହ, ଗିରି, ଶମ୍ଭୁ, ପିତୃ ପ୍ରଭୃତି ପୁଂଲିଙ୍ଗ ।

ବିଦ୍ୟା, ମତି, ସ୍ତ୍ରୀ, ଶ୍ରୀ, ନାରୀ, ମାତୃ, ବିଂଶତି, ତ୍ରିଂଶତ୍, ସମ୍ପଦ୍, ବିପଦ୍ ପ୍ରଭୃତି ସ୍ତ୍ରୀଲିଙ୍ଗ ଓ ଫଳ, ଜ୍ଞାନ, ମୁଖ, ନୟନ, ମାଂସ, ଜଳ, ବାରି, ଶତ, ସହସ୍ର ପ୍ରଭୃତି କ୍ଳୀବଲିଙ୍ଗ ।

### ଅର୍ଥଭେଦରେ ଲିଙ୍ଗଭେଦର କେତେକ ଉଦାହରଣ

ମିତ୍ର - ସୂର୍ଯ୍ୟ ଅର୍ଥରେ ପୁଂଲିଙ୍ଗ, ଯଥା - ମିତ୍ରଃ ଆକାଶେ ଉଦେତି ।
ବନ୍ଧୁ ଅର୍ଥରେ କ୍ଳୀବଲିଙ୍ଗ, ଯଥା - ରାମଃ ମମ ମିତ୍ରମ୍ ।

ଗୌ - ଗାଈ ଅର୍ଥରେ ସ୍ତ୍ରୀଲିଙ୍ଗ, ବଳଦ ଅର୍ଥରେ ପୁଂଲିଙ୍ଗ ।

ମଧୁ - ମହୁ ଅର୍ଥରେ କ୍ଳୀବଲିଙ୍ଗ; ବସନ୍ତ, ଚୈତ୍ରମାସ ମଧୁଦୈତ୍ୟ ଓ ମହୁଲ ବୃକ୍ଷ ଅର୍ଥରେ ପୁଂଲିଙ୍ଗ ।

### କେତେକ ଏକାର୍ଥକ ବିଭିନ୍ନ ଲିଙ୍ଗବାଚକ ଶବ୍ଦ

ଶରୀର ଅର୍ଥରେ - କାୟ (ପୁଂ), ତନୁ (ସ୍ତ୍ରୀ), ଶରୀର (କ୍ଳୀ)

ଧୂଳି ଅର୍ଥରେ - ରଜସ୍ (କ୍ଳୀ), ଧୂଳି (ସ୍ତ୍ରୀ), ପାଂଶୁ (ପୁଂ)

ପତ୍ନୀ ଅର୍ଥରେ - ପତ୍ନୀ, ଜାୟା, ଭାର୍ଯ୍ୟା (ସ୍ତ୍ରୀ), କଳତ୍ର (କ୍ଳୀ), ଦାର (ପୁଂ) ।

ଦେବତା ଅର୍ଥରେ - ଦେବ (ପୁଂ), ଦେବତା (ସ୍ତ୍ରୀ), ଦୈବତ (କ୍ଳୀ) ।

ଯିବା ଅର୍ଥରେ - ଗମନ (କ୍ଳୀ), ଗତି (ସ୍ତ୍ରୀ) ।

## ୨। ବଚନ

ଏକବଚନ, ଦ୍ୱିବଚନ ଓ ବହୁବଚନ ଭେଦରେ ବଚନ ତ୍ରିଧା । ଏକତ୍ୱ ସଂଖ୍ୟା ବୁଝାଇଲେ ଏକବଚନ ହୁଏ, ଯଥା :-ବାଳକଃ (ବାଳକ + ସୁ) ପଠତି (ପଠ୍ + ତିପ୍ → ତି) । ଏଠାରେ ସୁ ଓ ତିପ୍ (ତି) ଏକବଚନ । ଦ୍ୱିତ୍ୱ

ସଂଖ୍ୟା ବୁଝାଇଲେ ଦ୍ୱିବଚନ ହୁଏ, ଯଥା :- ବାଳକୌ (ବାଳକ + ଔ) ପଠତଃ (ପଠ୍ + ତସ୍ → ତଃ) । ଏଠାରେ ଔ ଏବଂ ତସ୍ ଦ୍ୱିବଚନ । ବହୁତ୍ୱ ସଂଖ୍ୟା ବୁଝାଇଲେ ବହୁବଚନ ହୁଏ । ଯଥା :- ବାଳକାଃ (ବାଳକ + ଜସ୍ → ଅସ୍) ପଠନ୍ତି (ପଠ୍ + ଅନ୍ତି) । ଏଠାରେ ଜସ୍ ଓ ଅନ୍ତି ବହୁବଚନ ।

(କ) ସମ୍ମାନ ପ୍ରଦର୍ଶନ ଅର୍ଥରେ ଜଣେ ବ୍ୟକ୍ତିକୁ ବୁଝାଇବା ପାଇଁ ବହୁବଚନର ବ୍ୟବହାର ହୁଏ । ଯଥା :- ଶ୍ରୀହର୍ଷ ମିଶ୍ରଶର୍ମାଣଃ ଏବମ୍ ଉକ୍ତବନ୍ତଃ । ଆଗଚ୍ଛନ୍ତୁ ମହାଭାଗାଃ । ଭବନ୍ତଃ ବଦନ୍ତୁ ।

(ଖ) ପ୍ରଦେଶ ବାଚକ ଶବ୍ଦରୁ ବହୁବଚନ ହୁଏ । ଯଥା :- ଉତ୍କଳେଷୁ, ବଙ୍ଗେଷୁ ଇତ୍ୟାଦି । କିନ୍ତୁ ତା ସହିତ ଦେଶ, ପ୍ରଦେଶ, ଜନପଦ ଇତ୍ୟାଦିର ସମାସ ହୋଇଥିଲେ ବହୁବଚନ ହୁଏ ନାହିଁ । ଯଥା :- ଉତ୍କଳପ୍ରଦେଶେ, ବିହାରଜନପଦେ ଇତ୍ୟାଦି ।

(ଗ) ଅସ୍ମଦ୍ ଶବ୍ଦରୁ ଏକତ୍ୱ ଓ ଦ୍ୱିତ୍ୱ ଅର୍ଥରେ ବିକଳ୍ପରେ ବହୁବଚନ ହୁଏ ।

ମୁଁ କହୁଛି - ଅହଂ ବଦାମି । ବୟଂ ବଦାମଃ ।

ଆମ୍ଭେ ଦୁହେଁ କହୁଅଛୁ - ଆବାଂ ବଦାବଃ । ବୟଂ ବଦାମଃ ।

ବିଶେଷଣଯୁକ୍ତ ହେଲେ ବହୁବଚନ ହୁଏ ନାହିଁ । ଯଥା :- ପଣ୍ଡିତୋଽହଂ ବଦାମି ।

(ଘ) ସମୂହ ଅର୍ଥରେ ଗଣ, ସଂଘ, ସମାଜ, ଇତ୍ୟାଦି ଶବ୍ଦ ବହୁବ୍ୟକ୍ତିର ବୋଧକ ହେଲେ ମଧ୍ୟ ଏକବଚନରେ ପ୍ରୟୋଗ ହୁଏ । ଯଥା :- କୃଷକଗଣସ୍ୟ କଲ୍ୟାଣାୟ ସର୍ବକାରାଃ ଯତନ୍ତେ । କିନ୍ତୁ ଦୁଇଟି ସମୂହ ବା ବହୁତ ସମୂହ ଅର୍ଥରେ ଦ୍ୱିବଚନ ଓ ବହୁବଚନରେ ପ୍ରୟୋଗ ହୁଏ । ଯଥା :- ନରାଣାଂ ନାରୀଣାଂ ଚ ସମୂହୌ, ଦରିଦ୍ରାଣାଂ ରୋଗିଣାଂ ଭିକ୍ଷୂଣାଂ ଚ ଗଣାଃ ଇତ୍ୟାଦି ।

## (ଗ) ପୁରୁଷ

ସଂସ୍କୃତ ବ୍ୟାକରଣରେ ତିନୋଟି ପୁରୁଷର ପ୍ରଚଳନ ଅଛି । ଯଥା :- ପ୍ରଥମ ପୁରୁଷ, ମଧ୍ୟମ ପୁରୁଷ ଓ ଉତ୍ତମ ପୁରୁଷ । ତିଙନ୍ତ ପଦ ପ୍ରଥମ ପୁରୁଷାନ୍ତର୍ଗତ ହୋଇଥିଲେ, ଯୁଷ୍ମଦ୍ ଓ ଅସ୍ମଦ୍ ଶବ୍ଦ ଭିନ୍ନ ଅନ୍ୟ ସମସ୍ତ ଶବ୍ଦ ସେହି ତିଙନ୍ତ ବା କ୍ରିୟାପଦର କର୍ତ୍ତା ହୋଇଥାନ୍ତି । ମଧ୍ୟମ ପୁରୁଷାନ୍ତର୍ଗତ କ୍ରିୟାପଦର କର୍ତ୍ତା ଯୁଷ୍ମଦ୍ ଏବଂ ଉତ୍ତମ ପୁରୁଷାନ୍ତର୍ଗତ କ୍ରିୟାପଦର କର୍ତ୍ତା ଅସ୍ମଦ୍ ଶବ୍ଦ ହୋଇଥାଏ । ବାକ୍ୟରେ କର୍ତ୍ତା ଏବଂ କ୍ରିୟା ମଧ୍ୟରେ ପୁରୁଷଗତ ଓ ବଚନଗତ ସାଦୃଶ୍ୟ ରହେ ।

### ଅଭ୍ୟାସଃ

**ପଦାନାଂ ଲିଙ୍ଗାନି ନିରୂପୟତ ।**

| | | |
|---|---|---|
| ଚନ୍ଦ୍ରଃ ( ), | ସୂର୍ଯ୍ୟଃ ( ), | ସରସ୍ୱତୀ ( ) |
| ପୁସ୍ତକମ୍ ( ), | ପତ୍ରାଣି ( ), | ବଚନମ୍ ( ) |
| ଭବାନ୍ ( ), | ଭବତୀ ( ), | ଆପଃ ( ) |
| ତନୂଃ ( ), | ଦେବତା ( ), | ଦାରାଃ ( ) |